# ପିଲାଙ୍କ ଧରିତ୍ରୀ

ଶନିବାର, ୨୧ ସେପ୍ଟେମ୍ବର, ୨୦୧୯




୨ ଜଣା -ଅଜଣା
୬ କବିତା
୩ ଆସ ଜାଣିବା
୮ ଆଇନା

# ବୋକାର ବୋକାମି


ଗପ

ଥରେ ଜଣେ ବୋକା ସମାନ ଦିଶୁଥିବା ଦୁଇଟି ଘୋଡ଼ା ବଜାରରୁ କିଣି ଆଣିଲେ। ଘରକୁ ଆସିବା ପରେ ସେ ଘୋଡ଼ା ଦୁଇଟିକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଗଲେ। ଘୋଡ଼ା ଚିହ୍ନିବାରେ ସେ ସମସ୍ୟାର ସମ୍ମୁଖୀନ ହେଲେ। ତେଣୁ ସେ ପାଖ ପଡ଼ୋଶୀକୁ ଘୋଡ଼ା ଚିହ୍ନିବାର ଉପାୟ ପଚାରିଲେ। ପଡ଼ୋଶୀ ବ୍ୟକ୍ତି ମଧ ମହାମୂର୍ଖ। ତଥାପି ସେ ବୋକା ବ୍ୟକ୍ତିକୁ ଉପଦେଶ ଦେଇ କହିଲେ, ଗୋଟିଏ ଘୋଡ଼ାର ଲାଞ୍ଜ କାଟିଦିଅ, ଯଦ୍ୱାରା ସହଜରେ ଘୋଡ଼ା ଚିହ୍ନିପାରିବ। ପଡ଼ୋଶୀର ଉପଦେଶ ଅନୁସାରେ ସେ ଗୋଟିଏ ଘୋଡ଼ାର ଲାଞ୍ଜ କାଟିଦେଲେ। ଦିନେ ଅନ୍ୟ ଘୋଡ଼ାଟି ଗୋଟିଏ ବୁଦାରେ ଫସିଯିବାରୁ ତା'ର ମଧ ଲାଞ୍ଜଟି ଛିଣ୍ଡିଗଲା। ଉଭୟ ଘୋଡ଼ା ଲାଞ୍ଜବିହୀନ ହୋଇଗଲେ। ତେଣୁ ଘୋଡ଼ା ଚିହ୍ନିବାରେ ପୁଣି ଅସୁବିଧା ହେଲା। ପୁଣି ବୋକା ଜଣକ ପଡ଼ୋଶୀ ବ୍ୟକ୍ତିର ସାହାଯ୍ୟ ମାଗିଲେ। ପଡ଼ୋଶୀ ଜଣକ ମତାମତ ଦେଇ କହିଲେ, ଏଥର ଗୋଟିଏ ଘୋଡ଼ାର କାନ କାଟିଦିଅ, ଫଳରେ ସହଜରେ ଘୋଡ଼ା ଚିହ୍ନିହେବ। ପଡ଼ୋଶୀଙ୍କ କଥା ଅନୁଯାୟୀ ବୋକା ଲୋକଟି ଗୋଟିଏ ଘୋଡ଼ାର କାନ କାଟିଦେଲେ। ତା'ପରେ ଅନ୍ୟ ଘୋଡ଼ାଟି ଦିନେ ବୁଲୁଥିବା ବେଳେ ଲୁହା ତିଆରି ତାରବାଡ଼ ଭିତରେ ଫସିଗଲା। ଫଳରେ



ବାଡ଼ର ଲୁହାତାର ଲାଗିଯାଇ ଘୋଡାଟିର କାନ କଟିଗଲା। ଏଣୁ ଉଭୟ ଘୋଡ଼ାର ପୁଣି ଗୋଟିଏ ଗୋଟିଏ କାନ କଟିଗଲା ଏବଂ ସେମାନେ ସମାନ ଦିଶିଲେ। ଅନନ୍ୟୋପାୟ ହୋଇ ବୋକାଟି ପଡ଼ୋଶୀ ପାଖକୁ ଯିବାରୁ ଅଧୁନା ପଡ଼ୋଶୀ ଘୋଡ଼ାର ଉଚ୍ଚତା ମାପିବା ସମ୍ପର୍କରେ ମତାମତ ଦେଲେ। ମିଟର ଫିତା ଆଣି ପଡ଼ୋଶୀ ଜଣକ ଘୋଡ଼ାଦ୍ୱୟର ଉଚ୍ଚତା ମାପି ଦେଖିଲେ ଯେ, ଉଭୟଙ୍କ ଉଚ୍ଚତା ସମାନ। ଏଥର ପଡୋଶୀ ବୋକା ଲୋକଟିକୁ କହିଲେ ଦୁଇଟି ଘୋଡ଼ାର ଉଚ୍ଚତା ସମାନ ଥିବାରୁ ମୁଁ ନୂଆ ଉପାୟଟେ କହୁଛି, ଏଥର ଗୋଟିଏ ଘୋଡ଼ାର ଚାରିଖୁରା ତିନି ଆଙ୍ଗୁଳି ଲେଖାଏ କାଟିଦେଲେ ଗୋଟିଏ ଘୋଡ଼ା ଛୋଟ ହୋଇଯିବ ଆଉ ଚିହ୍ନିବା ସମ୍ଭବ ହେବ। ନିଜ ବୋକା ବନ୍ଧୁଠାରୁ ସେ ଏପରି ମୂଲ୍ୟବାନ ଉପଦେଶ ଶୁଣି କୃତକୃତ୍ୟ ହୋଇଗଲେ।

**–ସ୍ମିତା ନାୟକ**
ଭଞ୍ଜନଗର, ଗଞ୍ଜାମ




## ମତାମତ

✔ ଗପ ସ୍ତମ୍ଭରେ ପ୍ରକାଶ ପାଇଥିବା 'ରାଜା ହେବ ତ ଏମିତି' ବେଶ୍ ଶିକ୍ଷଣୀୟ ଥିଲା। ବାସ୍ତବରେ ରକ୍ଷକ ଭକ୍ଷକ ହେବା ଉଚିତ ନୁହେଁ।

**– ପ୍ରଯୁକ୍ତା ରାଣୀ ମହାନ୍ତି**
ଛତ୍ରପୁର, ଗଞ୍ଜାମ

✔ ଆସ ଖୋଜିବା ସ୍ତମ୍ଭଟି କରିବାକୁ ବେଶ୍ ମଜା ଲାଗୁଛି। ପ୍ରତିଥର ପ୍ରକାଶ ପାଉଥିବା ଚଗଲା ଭୀମୁ ପଢି ଖୁବ୍ ହସୁଛି।

**– ପ୍ରତିଶ୍ରୁତି ମହାପାତ୍ର**
ବରଗଡ

✔ ସ୍କୁଲ...ସ୍କୁଲ୍‌ରୁ କୁଆଁରମୁଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବିଷୟରେ କେତେକ କଥା ଜାଣିବାକୁ ମିଳିଲା।

**– ଶୁଭଙ୍କର ସାହୁ**, ଓଡଗାଁ,ନୟାଗଡ

✔ ଜଣା ଅଜଣା ପୃଷ୍ଠାଟି ବେଶ୍ ଉପଯୋଗୀ ହୋଇପାରୁଛି। ପିଲାଙ୍କ ଧରିତ୍ରୀ ପ୍ରଚ୍ଛଦଟିରେ ଆଉ ୨ ପୃଷ୍ଠା ବୃଦ୍ଧି କରାଗଲେ ଭଲ ହୁଅନ୍ତା।

**– ଚନ୍ଦନ ପଟ୍ଟନାୟକ,**
ଝରିଗାଁ, ନବରଙ୍ଗପୁର

## ଖିଲିଖିଲି ହସ

**(ସୋନୁ ଓ ମୋନୁ ମଧ୍ୟରେ କଥାବାର୍ତ୍ତା)**
ସୋନୁ: ତୋତେ ବେଶି ସମ୍ମାନ କିଏ ଦିଏ ?
ମୋନୁ: ଆଲ୍‌ମାରିରେ ରଖା ହୋଇଥିବା କପଡା।
ସୋନୁ: କେମିତି ?
ମୋନୁ: ମୁଁ ଯେତେବେଳେ ଆଲ୍‌ମାରି ଖୋଲେ ସବୁଗୁଡାକ ଆସି ମୋ ପାଦ ତଳେ ପଡିଯାନ୍ତି।

**( ଆଡ୍‌ମିଶନ ସମୟରେ ଶିକ୍ଷୟିତ୍ରୀ ଛାତ୍ରକୁ..)**
ଶିକ୍ଷୟିତ୍ରୀ: ରୋଶନ, ତୁମ ବାପା କ'ଣ କରନ୍ତି ?
ରୋଶନ: ଯାହା ମା' କରିବାକୁ କୁହନ୍ତି ସେୟା କରନ୍ତି।

ମିକୁ : କହିଲୁ ପପୁ, ମଣିଷ ଛୁଆ ଓ ଜୀବ ଛୁଆ ମଧ୍ୟରେ କ'ଣ ସମାନତା ରହିଛି ?
ପପୁ: ଗଧ ଛୁଆ ବଡ ହେଲେ ଗଧ ହୁଏ ଆଉ ମଣିଷ ଛୁଆ ବି ବଡ ହେଲେ ଗଧ ହୁଏ !

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**
dharitrifeature@gmail.com

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

## ଚଗଲା ଭୀମୁ



# ବିଚିତ୍ର ବୈଜ୍ଞାନିକ





# ବିଚିତ୍ର ଆବିଷ୍କାର

ବୈଜ୍ଞାନିକମାନଙ୍କ ପାଇଁ ସମୟର ମୂଲ୍ୟ ବହୁତ ବେଶି। ସେମାନେ ତାକୁ ଅଧ୍ୟୟନ ଓ ଗବେଷଣାରେ ଉଚିତଭାବେ କଟାଇବାକୁ ପସନ୍ଦ କରନ୍ତି। ଏଣୁ ସାଧାରଣ ସଭାସମିତି ଏବଂ ସେଠାରେ ବହୁ ଲୋକ ଦେଉଥିବା ଲମ୍ବାଚଉଡ଼ା ଭାଷଣ ତାଙ୍କୁ ଭଲ ଲାଗେନି। କେବେ କେମିତି ତାଙ୍କୁ ସେଥିରେ ଯୋଗଦେବାକୁ ପଡ଼ିଲେ ସେମାନେ ବାଟ ଖୋଜୁଥାନ୍ତି କେମିତି ସେଠାରୁ ପଳାଇ ଆସିବାକୁ। ପ୍ରସିଦ୍ଧ ଆମେରିକୀୟ ବୈଜ୍ଞାନିକ ଥୋମାସ ଅଲ୍‌ଭା ଏଡିସନ୍‌ଙ୍କ କ୍ଷେତ୍ରରେ ଏହିଭଳି ଏକ ହାସ୍ୟୋଦ୍ଦୀପକ ଘଟଣାଟିଏ ଘଟିଥିଲା।

ସେ ଥିଲେ ଜଣେ ସର୍ବକାଳୀନ ବଡ଼ ଉଦ୍ଭାବକ, ତାଙ୍କ ଉଦ୍ଭାବନର ସଂଖ୍ୟା ଥିଲା ପ୍ରାୟ ଶହେ ପାଖାପାଖି। ଫୋନୋଗ୍ରାମ୍, ଇଲେକ୍‌ଟ୍ରିକ୍ ବଲ୍‌ବ, ଚଳଚ୍ଚିତ୍ର କ୍ୟାମେରା ଆଦି ଏହାର ଅନ୍ତର୍ଭୁକ୍ତ। ଇଲେକଟ୍ରିକ୍ ବଲ୍‌ବର ଉଦ୍ଭାବକ ହୋଇଥିବାରୁ ତାଙ୍କୁ 'ଦୁନିଆରୁ ଅନ୍ଧକାର ବିତାଡ଼ନକାରୀ' ବୋଲି କୁହାଯାଏ।

ଥରେ ସେ କେତେଜଣ ବନ୍ଧୁଙ୍କ ପ୍ରରୋଚନାରେ ଗୋଟିଏ ସଭାରେ ଯୋଗଦେବାକୁ ଆସିଥାନ୍ତି। ସେଠାକୁ ଆହୁରି ଅନେକ ଲୋକ ଆମନ୍ତ୍ରିତ ହୋଇଥାନ୍ତି। ସଭା ଚିରାଚରିତ ପ୍ରଥା ଅନୁସାରେ ଆରମ୍ଭ ହେଲା। ସ୍ୱାଗତଭାଷଣ, ପରିଚୟ ପ୍ରଦାନ ଆଦି ଶେଷ ହେଲା ପରେ ବକ୍ତାମାନେ ଜଣକ ପରେ ଜଣେ କହିବାକୁ ଲାଗିଲେ। ସଭାପତିଙ୍କ ବାରଣ ସତ୍ତ୍ୱେ ବି ସେମାନେ ଏଣୁତେଣୁ କହି ତାଙ୍କ ଭାଷଣ ଲମ୍ବାଇ ଚାଲିଥାନ୍ତି। ଏସବୁ ଏଡିସନ୍‌ଙ୍କୁ ଭାରି ଖରାପ ଲାଗୁଥାଏ। ତେଣୁ ସେ ଧୀରେ ଧୀରେ ଉଠି ସଭାଗୃହର ପଛପଟେ ଦରଜା ଖୋଜିଲେ ସେଠାରୁ ବାହାରିଯିବାକୁ।

ସଭାର ଜଣେ ଆୟୋଜକଙ୍କ ଦୃଷ୍ଟିରେ ଏହା ପଡ଼ିଲା। ତେଣୁ ସେ ତାଙ୍କ ପାଖକୁ ଆସି କହିଲେ– ''ମହାଶୟ, ଆପଣ ଏ ସଭାରେ ଯୋଗଦେବା ଆମ ପାଇଁ ଏକ ବଡ଼ ଗର୍ବ ଓ ଗୌରବର କଥା। ଏବେ ଆପଣ କେଉଁ ଉଦ୍ଭାବନରେ ଲାଗିଛନ୍ତି ସେ ବିଷୟରେ ଯଦି ଦି'ପଦ କହିପାରିବେ ତା'ହେଲେ ଆମେ ଉପକୃତ ହେବୁ...।''

ତାଙ୍କ କଥା ଶୁଣି ଏଡିସନ୍ ଟିକେ ଠିଆ ହେଲେ ଏବଂ କହିଲେ– ''ଆଜ୍ଞା, ଉଦ୍ଭାବନ ନୁହେଁ ମୁଁ ଏବେ ଏକ ବିଚିତ୍ର ଆବିଷ୍କାରରେ ଲାଗିଛି। ତାହା ହେଉଛି ଏହି ସଭାଗୃହରେ ବାହାରକୁ ଯିବାର ପଛପଟ ଦରଜା।''

ଇତିମଧ୍ୟରେ ତାଙ୍କର ଦରଜା ଉପରେ ନଜର ପଡ଼ିଗଲା। ଏଣୁ ଟିକିଏ ମୁରୁକି ହସାଦେଇ 'ଯାହା ହେଉ, ମୋତେ ଏବେ ଏଥିରେ ସଫଳତା ମିଳିଗଲା' ବୋଲି କହି ସେ ସେହି ବାଟଦେଇ ବାହାରକୁ ବାହାରିଗଲେ।

– **ପ୍ର. ରମେଶ ଚନ୍ଦ୍ର ପରିଡ଼ା**
ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ:୯୯୩୭୯୮୫୭୬୭

# ଆଡ୍‌ଭେଞ୍ଚର ଆଇଲାଣ୍ଡ

ଆସ ଜାଣିବା




















ପିଲାମାନଙ୍କ ମନୋରଞ୍ଜନ ଲାଗି ପୃଥିବୀର ବିଭିନ୍ନ ସ୍ଥାନରେ ଥିମ୍ ପାର୍କମାନ ନିର୍ମାଣ କରାଯାଇଛି। ସେହିଭଳି ଏକ ଥିମପାର୍କ ରହିଛି ଫ୍ଲୋରିଡାର ଓରଲାଣ୍ଡୋ ଠାରେ। ଏହି ଥିମ୍ ପାର୍କର ନାମ ରହିଛି 'ୟୁନିଭର୍ସାଲ ଲାଣ୍ଡ ଅଫ୍ ଆଡ୍‌ଭେଞ୍ଚର'। ୧୯୯୯ ରେ ସ୍ଥାପନ କରାଯାଇଥିବା ଏହି ଥିମ୍ ପାର୍କ ଭ୍ରମଣରେ ଆସୁଥିବା ପର୍ଯ୍ୟଟକମାନେ ଏଠାରେ ବିଭିନ୍ନ ପ୍ରକାର ଆଡ୍‌ଭେଞ୍ଚରର ମଜା ନେବା ସହ ବିଭିନ୍ନ ଥିମ୍ ଟାପୁ ବୁଲି ଦେଖିବାର ମଜା ନେଇଥାନ୍ତି। ପୂର୍ବେ ଏଠାରେ କେବଳ ୬ଟି ଟାପୁ ଯଥା ପୋର୍ଟ ଅଫ୍ ଏଣ୍ଟ୍ରି, ମାର୍ବଲ ସୁପର ହିରୋ, ଟୁନ୍ ଲାଗୁନ୍, ଜୁରାସିକ୍ ପାର୍କ ଇତ୍ୟାଦି ରହିଥିଲା। କାଳକ୍ରମେ ଏଠାରେ ହ୍ୟାରି ପୋଟର ଥିମ୍ ଟାପୁକୁ ଯୋଗ କରାଗଲା। ଏଠାରେ ପ୍ରବେଶ କରିବା ମାତ୍ରେ ପିଲାମାନେ ଏକ ଯାଦୁନଗରୀରେ ପ୍ରବେଶ କରିବାର ଅନୁଭବ ଲାଭ କରନ୍ତି। କେବଳ ସେତିକି ନୁହେଁ ଏଠାରେ ପିଲାମାନେ ହୋଗୱାର୍ଟ୍ସ ଏକ୍ସପ୍ରେସ୍‌ରେ ବସି ବୁଲିବା ସହ ରୋଲରକୋଷ୍ଟର ରାଇଡ୍‌ର ବି ଆନନ୍ଦ ନେଇପାରିବେ। ଏଠାରେ ଥିବା ଡାଇନୋସର ଟାପୁରେ ପିଲାମାନେ ଆର୍ଟିଫିସିଆଲ ଡାଇନୋସରଙ୍କ ସହ ସମୟ ବିତାଇବା ସହ ସେଠାରେ ବିଭିନ୍ନ ଆକ୍ଟିଭିଟିରେ ମଧ୍ୟ ଅଂଶଗ୍ରହଣ କରିପାରିବେ।





୧



୨



୩



୪



୫




୬



୭



୮



୯



୧ **ମନସ୍ୱିନୀ ସାହୁ**
କ୍ଲାସ-୯,କେନ୍ଦ୍ରୀୟ ବିଦ୍ୟାଳୟ, ଭଦ୍ରକ



୨ **ବିଶ୍ୱବନ୍ଦିତା ମହାପାତ୍ର**
କ୍ଲାସ-୧୦, ଶୁଦ୍ଧାନନ୍ଦ ବିଦ୍ୟାଳୟ, ନଚ୍ଛିପୁର, କଟକ



୩ **ସୌଦାମିନୀ ରାୟ**
କ୍ଲାସ-୮,ବାଘମୁଣ୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପାଟଣାଗଡ, ବଲାଙ୍ଗୀର



୪ **ଆଶୀର୍ବାଦ ମିଶ୍ର**
କ୍ଲାସ-୪,ମିଲିଟାରୀ ଇଂଲିଶ ମିଡିୟମ୍‌ସ୍କୁଲ, ପୁରୀ



୫ **ଅନନ୍ୟା ରୂପାଲି ତ୍ରିପାଠୀ**
କ୍ଲାସ-୫,ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋବିନ୍ଦପାଲି, ମାଲକାନଗିରି



୬ **ପ୍ରୀତି ପ୍ରିୟଦର୍ଶିନୀ**
କ୍ଲାସ-୨, ୟଙ୍ଗ ଫନିକ୍ସ ପବ୍ଲିକ୍ ସ୍କୁଲ, ସାମନ୍ତରାପୁର, ଭୁବନେଶ୍ୱର



୭ **ସିଶାଙ୍କି ପାଢ଼ୀ**
କ୍ଲାସ-୧୦, ଡିପିଏସ୍ କଳିଙ୍ଗ, କଟକ



୮ **ଜାହ୍ନବୀ ପଟ୍ଟନାୟକ**
କ୍ଲାସ-୨,ସେଣ୍ଟ ଜୋସେଫ୍ ଗାର୍ଲ୍ସ ହାଇସ୍କୁଲ, କଟକ



୯ **ସିବାଂଶି ପାଢ଼ୀ**
କ୍ଲାସ-୨,ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ସତ୍ୟନଗର ଭୁବନେଶ୍ୱର



୧୦ **ସ୍ନେହାରାଣୀ ସାହୁ**
କ୍ଲାସ-୨,ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମେଲଛାମୁଣ୍ଡା, ବରଗଡ



୧୦

## ଶିଶୁ ପ୍ରତିଭା


# ଚିତ୍ରାଙ୍କଣ ଯାହାର ନିଶା



ହର୍ଷିତା ଦାସ

ପିଲାଟି ଦିନରୁ ଚିତ୍ର ଆଙ୍କିବା ପାଇଁ ତାଙ୍କ ମନରେ ଆଗ୍ରହ ସୃଷ୍ଟି ହୋଇଥିଲା। ଧୀରେ ଧୀରେ ସେ ଏହାକୁ ଏକ ଅଭ୍ୟାସରେ ପରିଣତ କରିପାରିଥିଲେ। ବର୍ତ୍ତମାନ ଏହି ଚିତ୍ରାଙ୍କନ ସ୍ଥାନୀୟ ଅଞ୍ଚଳରେ ତାଙ୍କ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ସେହି କୁନି ଚିତ୍ରକର ହେଲେ ହର୍ଷିତା ଦାସ। କେନ୍ଦ୍ରାପଡା ଜିଲା ମାର୍ଶାଘାଇରେ ତାଙ୍କର ଜନ୍ମ। ଏବେ ସେ କୋରାପୁଟ ଜିଲା ସେମିଳିଗୁଡାସ୍ଥିତ ଗୋପବନ୍ଧୁ ନଗରରେ ମା' ଅନସୂୟା ଦାସ ଏବଂ ବାପା ପ୍ରଦୀପ କୁମାର ଦାସଙ୍କ ସହ ରହୁଛନ୍ତି। ସେ ସ୍ଥାନୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସପ୍ତମ ଶ୍ରେଣୀରେ ପଢୁଛନ୍ତି। ନିଜ ଚିତ୍ର ଆଙ୍କିବା ସମ୍ପର୍କରେ ହର୍ଷିତା କୁହନ୍ତି, 'ମୁଁ ଯେତେବେଳେ ଷ୍ଟାଣ୍ଡାର୍ଡ – ୨ରେ ପଢୁଥିଲି ସେତେବେଳେ ଚିତ୍ରାଙ୍କନ ପ୍ରତି ମୋର ଆଗ୍ରହ ସୃଷ୍ଟି ହୋଇଥିଲା। ତା'ପରେ ମା–ବାପାଙ୍କ ପ୍ରେରଣା ମୋତେ ଏ କ୍ଷେତ୍ରରେ ଆଗେଇବାକୁ ସହାୟକ ହୋଇଥିଲା। ପାଠପଢ଼ା ପ୍ରତି ମୁଁ ତ ଅଧିକ ଗୁରୁତ୍ୱ ଦିଏ, ତା' ସହ ଯେତେବେଳେ ଅବସର ମିଳେ ସେତେବେଳେ ଚିତ୍ର ଆଙ୍କିବାକୁ ବସିଯାଏ। ବିଭିନ୍ନ ପ୍ରାକୃତିକ ଦୃଶ୍ୟରାଜି ଏବଂ ସାମ୍ପ୍ରତିକ ଘଟଣାକୁ ଚିତ୍ରର ରୂପ ଦେବାରେ ମୋତେ ବେଶ୍ ଆନନ୍ଦ ମିଳିଥାଏ। ମୁଁ ଏବେ ସେମିଳିଗୁଡାସ୍ଥିତ ଶ୍ରୀଅରବିନ୍ଦ କଳାନିକେତନରେ ଚିତ୍ରାଙ୍କନ ଶିଖୁଅଛି।' ଚିତ୍ରାଙ୍କନ ସିନା ତାଙ୍କର ନିଶା ପାଲଟି ଯାଇଛି ହେଲେ ଭବିଷ୍ୟତରେ ସେ ପାଠପଢ଼ି ବୈଜ୍ଞାନିକ ହେବାକୁ ଆଶା ରଖିଛନ୍ତି।

## କହିଲ ଦେଖି



ଶ୍ରୀମନ୍ଦିର ଚାରିପାଖେ ବିରାଜେ,
ସାତ ଅକ୍ଷରରେ ଶବଦ ସାଜେ ।
ଶ୍ୱଶୁରଙ୍କ ରଡି କାନ ଅତଡ଼ା,
ପଡ଼ିବାରୁ ସ୍ୱପ୍ନାଦେଶେ ହେଲା ଗଢ଼ା ।
ଏକ ଦୁଇ ଯୋଗେ ବାରିଦ ନାମ,
ଚାରି ତିନି ପାତ୍ରର ଅନ୍ୟନାମ ।
ଏକ ଚାରି କରେ ଶରୀର ମୋଟା,
ପାଞ୍ଚ ଛଅରୁ ପୂର୍ବ ଦିଗ ସେଇଟା ।
ଛଅ ସାତ ମିଶିଲେ ବସନ ଅର୍ଥ,
ଦୁଇ ସାତ ଯୋଗେ ବସାକୁ ବୁଝ ।
ସାତ ଛଅ ଅର୍ଥ ନିର୍ମାଣ,
ଚାରି ସାତ ମୂଲ୍ୟାଙ୍କନ କରଣ ।
ସାତ ଏକ ଯୋଗେ କନ୍ଦର୍ପ କର୍ମ,
ତିନି ଚାରି ଶବ୍ଦ ପାଇଁ ଭ୍ରମ ।
ପ୍ରଥମ ଚାରିରେ ରାବଣଙ୍କ ନନ୍ଦନ
ଶେଷ ତିନି କରେ ସୀମା ନିର୍ଦ୍ଧାରଣ ।
ସାତ ଅକ୍ଷରରେ ସ୍ଥାନ ସୁନ୍ଦର,
ପ୍ରଶାସନ ଏବେ ତା'ପାଇଁ ତତ୍ପର ।
ପର୍ଯ୍ୟଟକ ଶ୍ରୀମନ୍ଦିର ଚାରିପାଖେ,
ବୁଲିବୁଲି ଏବେ ଶାନ୍ତିରେ ଦେଖେ ।
ଯଦି କହି ତୁମେ ପାରିବ ଥରେ,
ଯିବ ବୁଲିବାକୁ ମୋହ ସାଥିରେ ।

**ଉତ୍ତର: ମେଘନାଦ ପ୍ରାଚୀର**

**–ରମାକାନ୍ତ ପୁରୋହିତ**
*ନିରାକାରପୁର, ଖୋରଧା*


## ଏ ଥ ର ର ପ୍ର ଶ୍ନ

- ★ ମେଘଦୂତ ପୁସ୍ତକ କିଏ ରଚନା କରିଥିଲେ ?
- ★ ରାମଚରିତ ମାନସର ଲେଖକ କିଏ ?
- ★ ଆନନ୍ଦମଠର ରଚୟିତା କିଏ ?
- ★ ବ୍ରୋକେନ ୱିଙ୍ଗ୍ସ୍ ପୁସ୍ତକର ଲେଖିକା କିଏ ?
- ★ ଡିସ୍କଭରି ଅଫ ଇଣ୍ଡିଆର ରଚୟିତା କିଏ ?

## ଆରଥରର ଉତ୍ତର

- ✲କୁତବ୍ ମିନାର
- ✲ ଜାମା ମସ୍ଜିଦ୍
- ✲ଜୟପୁର
- ✲ଯମୁନା
- ✲କୋଣାର୍କ

## ପାର୍ଥକ୍ୟ ଦର୍ଶାଅ



## କବିତା

### ଗଛ ପରି ହେବା

ଗଛରେ ଫଳିଛି ନଡ଼ିଆ
ନଡ଼ିଆଟି ଭାରି ବଢ଼ିଆ
ଭଲ କାମକଲେ ପାଠେ ମନେଦେଲେ
ତୁମେ ସବୁ ହେବ ବଢ଼ିଆ ।
ଗଛରେ ଫୁଟିଛି ମନ୍ଦାର
ହଟିଲାଣି ଗାଢ଼ ଅନ୍ଧାର
ସଅଳ ଉଠିକି ସଡକେ ଚାଲିଲେ
ଦିଶିଯିବ ଦେହ ସୁନ୍ଦର ।
ଗଛରେ ବସିଛି ଚଢ଼େଇ
କରନାହିଁ ଆଉ ବଡେଇ
ଭୁଲି ଭେଦଭାବ ଶାନ୍ତି ସଂହତିର
ସୁନାଦେଶ ଦିଅ ଗଢେଇ ।
ଗଛରେ ଶାଗୁଆ ପତର
ତହିଁରୁ ଛୁଟୁଛି ଅତର
ପର ଦୁଃଖ ଦେଖି ଲହୁ ଢ଼ାଳିଦିଅ
ନ ହୋଇ ଟିକିଏ କାତର ।
ଗଛ ପରି କିଏ ହେବରେ
ଫୁଲ ଫଳ ଛାଇ ଦେହରେ
ଜୀବଜଗତକୁ ଅମ୍ଳଜାନ ଦେଇ
ଅଙ୍ଗାରକାମ୍ଳ ନେବରେ ।
ଗଛ ପରି ଆମେ ହେବାରେ
କରିବା ସବୁରି ସେବାରେ
ନିଜେ ଦୁଃଖ ସହି ସୁଖତକ ସବୁ
ଆନ ହିତ ପାଇଁ ଦେବାରେ ।



**–ପ୍ରଶାନ୍ତ କୁମାର ଦାଶ**
କୁଞ୍ଜର ସଙ୍ଗଳୋଇ, ପିପିଲ, ପୁରୀ

### ଏ ତ ଜୀବନ ରହସ୍ୟ

ବୟସ ବଢୁଛି ବଳ ବି କମୁଛି
ବେଳ ଆସି ରତରତ
ସମୟ ଭଉଁରି କେବେ ନବ ଟାଣି
କରିନେବ କରାୟତ ।
ସଞ୍ଚିବାକୁ ହେବ ଧର୍ମ ଧନ ପରା
ସୁକର୍ମ ପଥରେ ଚାଲି
ସ୍ରଷ୍ଟାଙ୍କ ନିୟମ ମାନିବାକୁ ହେବ
କିଏ ସେ ଦେଖିଛି କାଲି ।
କେହି ରହିନାହିଁ ରହିବେଟି ନାହିଁ
ଏ ତ ବିଧିର ବିଧାନ
ଚାଲିବାକୁ ହେବ ଜୀବନ ପଥରେ
କରି ସତ୍ୟର ସନ୍ଧାନ ।
ଫେରିବା ଆଗରୁ ଏଇ ଦୁନିଆକୁ
ଦିଅ କିଛି ଅବଦାନ
ସ୍ମୃତି ଚିହ୍ନ ହୋଇ ରହିବ ସମାଜେ
ହେବ ସତେ ବରଦାନ ।
ସମସ୍ତେ ସାଜିବେ ନିଶ୍ଚିୟଟି ଦିନେ
ଅଫେରାପଥର ଯାତ୍ରୀ
ସୃଷ୍ଟିକର ତେଣୁ ନିଜ ପରିଚୟ
ରଖିଯାଅ କିଛି କୀର୍ତ୍ତି ।
ମାୟାମୋହ ଅଟେ ମରୁ ମରୀଚିକା
ଧାଇଁଲେ ବଢ଼ଇ ଶୋଷ
ମାୟାମୋହ କାଟି ଚାଲିବାକୁ ହେବ
ଏ ତ ଜୀବନ ରହସ୍ୟ ।

**–ଅରୂପ କୁମାର ବିଶ୍ୱାଳ**, ସହକାରୀ ଶିକ୍ଷକ,
ଏନ୍ଏସି ବାଳିକା ଉଚ୍ଚ ବିଦ୍ୟାଳୟ,
ପାରାଦୀପ, ଜଗତ୍‌ସିଂହପୁର
ମୋ:୯୦୪୦୮୭୦୧୦୦

# ଜଣା ଅଜଣା

✲ ପୃଥବୀର ସମସ୍ତ ସ୍ଥାନରେ ମାଧ୍ୟାକର୍ଷଣ ଶକ୍ତି ସମାନ ନ ଥାଏ।




✲ ମାଡାଗାସ୍କାରରେ ଦେଖାଯାଉଥିବା ଲିଫ୍ କ୍ୟାମେଲିୟନ ହେଉଛି ପୃଥିବୀର ସବୁଠାରୁ କ୍ଷୁଦ୍ରତମ ସରୀସୃପ। ଏହାର ଲମ୍ବ ମାତ୍ର ଗୋଟେ ଇଞ୍ଚ।



✲ କୁକୁ ୱାସ୍ପ ନାମକ ଏକ ପ୍ରକାର ବିରୁଡି ପ୍ରଜାତି ରହିଛି ଯାହା କୋଇଲି ଭଳି ଅନ୍ୟ କୀଟଙ୍କ ବସାରେ ଯାଇ ଅଣ୍ଡା ଦେଇଥାଏ। ଏହାର ଶରୀରର ରଙ୍ଗ ଇନ୍ଦ୍ରଧନୁର ରଙ୍ଗ ଭଳି ସପ୍ତରଙ୍ଗ ବିଶିଷ୍ଟ।



✲ ମହାକାଶଚାରୀଙ୍କ ଅନୁଯାୟୀ ଚନ୍ଦ୍ରପୃଷ୍ଠର ଧୂଳି ଅତ୍ୟନ୍ତ ନରମ ଏବଂ ଏହାର ବାସ୍ନା ବାରୁଦ ଭଳି।





✲ପୃଥିବୀର ସବୁଠାରୁ ଉତ୍ତପ୍ତ ସ୍ଥାନ ଲିବ୍ୟାର ଏଲ୍ ଅଜିଜିଆ ହୋଇଥିବା ବେଳେ ସବୁଠାରୁ ଶୀତଳତମ ସ୍ଥାନ ହେଉଛି ଆଣ୍ଟାର୍କଟିକା।



✲୧୨୫୦ ମସିହାରେ ରୋଜର ବେକୋନଙ୍କ ଦ୍ୱାରା ଜବକାଚ ବା ମାଗ୍ନିଫାଇଙ୍ଗ୍ ଗ୍ଲାସର ଉଦ୍ଭାବନ କରାଯାଇଥିଲା।

# ଆଇନା



ଶ୍ରୁତି
୧୦ ବର୍ଷ



ମହାଶ୍ୱେତା
୫ ବର୍ଷ



ଆଦିତ୍ୟ
୫ ବର୍ଷ